# ନିମ୍ନମାନର ପୋଷାକ, ଚାଉଳ ଯୋଗାଣକୁ ନେଇ ଅସନ୍ତୋଷ

**ଜିଲା ପରିଷଦର ଏକାଦଶ ସାଧାରଣ ବୈଠକ**

- ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୀଘ୍ର ଆଇସିୟୁ, ଲାପ୍ରୋସ୍କୋପିକ୍ ମେଶିନ ବ୍ୟବସ୍ଥା
- ଜଳକ୍ଲିଷ୍ଟ ଅଞ୍ଚଳରେ ୬୫୬ ନଳକୂପ ଖନନ ପ୍ରସ୍ତାବ
- ପ୍ରକଳ୍ପ କାର୍ଯ୍ୟ ପାଇଁ ଜନ ପ୍ରତିନିଧିଙ୍କ ପ୍ରସ୍ତାବ ଗ୍ରହଣ ପରାମର୍ଶ


ଜିଲା ପରିଷଦ ବୈଠକରେ ନିର୍ବାଚିତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ।

ଢେଙ୍କାନାଳ,୨୯।୪(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣଙ୍କ ଅଧ୍ୟକ୍ଷତାରେ ଷଷ୍ଠ ଜିଲା ପରିଷଦର ଏକାଦଶ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ସାମଗ୍ରିକ ଦ୍ରୁତ ବିକାଶ ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରକାଶ କରି ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷା ତଥା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ପରିଷଦର ସମସ୍ତ ସଦସ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଶିକ୍ଷାଦାନ, ପୁସ୍ତକ ଓ ପୋଷାକ ଆଦି ପ୍ରଦାନ, ଭିନ୍ନକ୍ଷମ ପିଲାଙ୍କୁ ଭତ୍ତା ପ୍ରଦାନ, ନୂତନ ଶିକ୍ଷକ ନିଯୁକ୍ତି, ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ଶ୍ରେଣୀଗୃହ ନିର୍ମାଣ, ବିଭିନ୍ନ ପଞ୍ଚାୟତରେ ପାଇପ ଲାଇନ ଓ ନଳକୂପ ଦ୍ୱାରା ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ପ୍ରଦାନ, ପିଏମ୍ ଜନମନ ଯୋଜନାରେ ବିଦ୍ୟୁତ୍ ଯୋଗାଣ, ରାସ୍ତା ଓ ପୋଲ ନିର୍ମାଣ ଓ ଉଠା ଜଳସେଚନ ଆଦି ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପିଲାମାନଙ୍କୁ ଦିଆଯାଉଥିବା ପୋଷାକ ନିମ୍ନମାନର ଓ କେତେକ ବିଦ୍ୟାଳୟରେ ପୋକରା ଚାଉଳ ଯୋଗାଣ ହୋଇଥିବା ନେଇ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଏହାର ଦୃଷ୍ଟି ଆକର୍ଷଣ କରିଥିଲେ। ନିୟମିତ ଭାବେ ଚାଉଳ ଯୋଗାଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାଇପ ଲାଇନ ଦ୍ୱାରା ପାନୀୟଜଳ ଯୋଗାଣ ସମୟରେ ବେନିୟମ ଭାବେ ପମ୍ପ ଲଗାଇ ପାଣି ଘରକୁ ନେଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିଲେ। ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଲାପ୍ରୋସ୍କୋପିକ୍ ମେଶିନ, ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ବ୍ୟବସ୍ଥା, ଆଇସିୟୁ ସ୍ଥାପନ ଓ ଅଧିକ ଡାକ୍ତର ନିଯୁକ୍ତି ଶୀଘ୍ର କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ସମସ୍ତ ପ୍ରକାରର ଟୀକା ସମ୍ପୂର୍ଣ୍ଣ ନିରାପଦ ଓ ଫଳପ୍ରସୂ ଅଟେ । ଏଣୁ ଭୟଭୀତ ନ ହୋଇ, କୌଣସି ପ୍ରକାରର ଅପପ୍ରଚାରକୁ ବିଶ୍ୱାସ ନ କରି ସମସ୍ତ ପ୍ରକାରର ଟୀକାଦାନର ସୁଯୋଗ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ପରାମର୍ଶ ଦେଇଥିଲେ। ଜିଲାରେ ବିଭିନ୍ନ ପଞ୍ଚାୟତର ଜଳକ୍ଲିଷ୍ଟ ଅଞ୍ଚଳରେ ମୋଟ ୬୫୬ ନଳକୂପ ଖନନ କରାଯିବାର ପ୍ରସ୍ତାବ ରହିଛି । ଏହାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପ୍ରକାରର ପ୍ରକଳ୍ପ କାର୍ଯ୍ୟ ପାଇଁ ଜନସାଧାରଣ ଓ ଲୋକ ପ୍ରତିନିଧିମାନଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେବାକୁ ଏମ୍‌ପି ପାଣି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ପ୍ରତାପ ସଭାପତି, ଜିତେନ୍ଦ୍ର ସମ୍ପାଦକ

**ଜିଲା ଖବରଦାତା ସଂଘ ନିର୍ବାଚନ**



ସଭାପତି ପ୍ରତାପ ବରାଳ। ସାଧାରଣ ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ

ଢେଙ୍କାନାଳ,୨୯।୪ (ରତନ ନାୟାର)

ଢେଙ୍କାନାଳ ଜିଲା ଖବରଦାତା ସଂଘ ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲା ପରିଷଦ ସଭା ଗୃହରେ ଆସନ୍ତା ୩ ବର୍ଷ ପାଇଁ ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ୮ଟି ବ୍ଲକରୁ ବହୁ ସଂଖ୍ୟାରେ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ପ୍ରତାପ ବରାଳ ଓ ସାଧାରଣ ସମ୍ପାଦକ ଭାବେ ଜିତେନ୍ଦ୍ର ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ମନୋଜ ପଟ୍ଟନାୟକ, ସହକାରୀ ନିର୍ବାଚନ ଅଧିକାରୀ ଭାବେ ଦିଲୀପ ମିଶ୍ର ଓ ସୁନିଲ ଦାସ ନିର୍ବାଚନ ପରିଚାଳନା କରିଥିଲେ । ନିର୍ବାଚନ ପରେ ପରଲୋକଗତ ବରିଷ୍ଠ ସାମ୍ବାଦିକ ଅମରେନ୍ଦ୍ର ଦାସଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ପ୍ରାରମ୍ଭରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ଶାଖା ଆହ୍ୱାନରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ୬ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ପ୍ରଦାନ କରାଯାଇଛି । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନସନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାର ସଂପ୍ରସାରଣ, ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡେମୀ ଗଠନ, ସାମ୍ବାଦିକ ଅନୁକମ୍ପା ରାଶି ୧୦ଲକ୍ଷକୁ ବୃଦ୍ଧି କରିବା ଆଦି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆସନ୍ତା ୧ ତାରିଖ ଶ୍ରମିକ ଦିବସ ଅବସରରେ ସାମ୍ବାଦିକମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ହୋଇଛି । ସରକାର ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି।

# ପରଜଙ୍ଗ କଲେଜକୁ ଆର୍ଥିକ ଅନୁଦାନ ମିଳିଥିବାରୁ କୃତଜ୍ଞତା ଜ୍ଞାପନ



ପରଜଙ୍ଗ ୨୯।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ କୋଟି ୮୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବିଭୂତି ଭୂଷଣ ପ୍ରଧାନ ଓ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କୁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସ୍ମିତାରାଣୀ ସାହୁ କହିଥିଲେ ଯେ, ଏହି ଆର୍ଥିକ ସହାୟତା ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଏବଂ ଶିକ୍ଷାର ମାନ ବୃଦ୍ଧିରେ ସହାୟକ ହେବ। ପରଜଙ୍ଗ ମହାବିଦ୍ୟାଳୟ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବିଗତ ବର୍ଷମାନଙ୍କରେ ଅର୍ଥାଭାବ କାରଣରୁ ମହାବିଦ୍ୟାଳୟ ଅନେକ ଆହ୍ୱାନର ସମ୍ମୁଖୀନ ହେଉଥିଲା। ଆଧୁନିକ ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ଭିତ୍ତିଭୂମିର ବିକାଶ, ନୂତନ ଜ୍ଞାନକୌଶଳର ବ୍ୟବହାର ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆର୍ଥିକ ସହାୟତା ଏକାନ୍ତ ଆବଶ୍ୟକ ଥିଲା । ଏହି ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପରଜଙ୍ଗ ମହାବିଦ୍ୟାଳୟକୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ନିଶ୍ଚିତ ଭାବରେ ଆମ ପାଇଁ ଏକ ବରଦାନ ସଦୃଶ। ଶିକ୍ଷକମାନେ ମଧ୍ୟ ନୂତନ ଶିକ୍ଷାଦାନ ପଦ୍ଧତି ଅବଲମ୍ବନ କରି ପ୍ରଭାବଶାଳୀ ଢଙ୍ଗରେ ଶିକ୍ଷା ଦେଇପାରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପାଇଁ ମହାବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଜଣାଯାଇଛି।

# ବୀର ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଢେଙ୍କାନାଳ,୨୯।୪(ରତନ ନାୟାର)

ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ପୂର୍ବତନ ଏମ୍‌ପି ତଥା ବିଧାୟକ ବୀର ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ୧୧୩ତମ ଜୟନ୍ତୀ ଅବସରରେ ସ୍ଥାନୀୟ ସିମିଳିଆ ଓଭରବ୍ରିଜ୍ ଛକରେ ବୁଧବାର ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବୀର ବୈଷ୍ଣବ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଢେଙ୍କାନାଳବାସୀଙ୍କ ପାଇଁ ଅପାର ଗର୍ବ ଓ ସନ୍ତୋଷର ବିଷୟ। ଆଜି ଢେଙ୍କାନାଳ ମାଟି ଜଣେ ମହାନ ସନ୍ତାନଙ୍କୁ ସମ୍ମାନ ଜଣାଇଛି। ସମ୍ମାନିତ ଅତିଥି ଭାବେ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ କହିଲେ,



ଦେଶ ପ୍ରତିଷ୍ଠାରେ ବୈଷ୍ଣବ ପଟ୍ଟନାୟକଙ୍କ ଦାନ ଅତୁଳନୀୟ। ତାଙ୍କ ସମ୍ମାନାର୍ଥେ ଏକ ଡାକଟିକଟ ଜାରି କରିବା ପାଇଁ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ପ୍ରୟାସ କରାଯିବ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସିମିଳିଆ ଓଭରବ୍ରିଜ ରାସ୍ତାର ନାମ ବୀର ବୈଷ୍ଣବ ପଟ୍ଟନାୟକ ରୋଡ଼ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ପୌର ନିର୍ବାହୀ ଅଧିକାରୀ ରାହୁଲ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଶିକ୍ଷାବିତ ଡ. ସମୀର ସାହୁ, ପ୍ରଦ୍ୟୁମ୍ନ ରଥ, ଲୋକକଳା ସଂଘର ଉପସଭାପତି ଅବନୀ ମିଶ୍ର, ମିଳିତବଜାର ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ସମବାୟବିତ ଅକ୍ଷୟ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ ।

# ଶୈକ୍ଷିକ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ

ଢେଙ୍କାନାଳ,୨୯।୪(ରତନ ନାୟାର): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ 'ଶକ୍ତିଶ୍ରୀ' ସଶକ୍ତୀକରଣ ପ୍ରକୋଷ୍ଠ ପକ୍ଷରୁ ଏକ ଦିଗଦର୍ଶନ ତଥା ସମ୍ବେଦନଶୀଳତା କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି। ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ଏକ ସହାୟକ ଶୈକ୍ଷିକ ପରିବେଶ ସୃଷ୍ଟିକରିବା ଦିଗରେ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ଏହାର ମୂଳଲକ୍ଷ୍ୟ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଏଥିରେ ଅଧ୍ୟକ୍ଷତା କରି ସମାଜ ଗଠନରେ ନାରୀର ଅତୁଳନୀୟ ଅବଦାନ ଉପରେ ମତବ୍ୟକ୍ତ କରି ସାମାଜିକ, ଶୈକ୍ଷିକ ଓ ଆର୍ଥିକ କ୍ଷେତ୍ରରେ ମହିଳାମାନେ ସ୍ୱାବଲମ୍ବୀ ହେଲେ ଏକ ରାଷ୍ଟ୍ରର ପ୍ରକୃତ ପ୍ରଗତି ହାସଲ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ବିଭୂଦତ୍ତ ଦାଶ ମାନସିକ ସ୍ୱାସ୍ଥ୍ୟ କାରଣ ଓ ନିରାକରଣ ଏବଂ ଉପକାରିତା ଉପରେ ଆଲୋକପାତ କରିଥିଲେ । ବିଭାଗର ସଂଯୋଜକ ଅକ୍ଷୟ କୁମାର ସେଠ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣ ଏବଂ ଛାତ୍ର କଲ୍ୟାଣର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ମନସ୍ତତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଅକ୍ଷୟ କୁମାର ଛାତ୍ରୀଛାତ୍ର ମାନଙ୍କର ମାନସିକ ସ୍ୱାସ୍ଥ୍ୟ ଏବଂ ଆବେଗିକ ସୁସ୍ଥତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ମାନସିକ ଚାପର ଠିକ୍ ପରିଚାଳନା ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ମାର୍ଗଦର୍ଶନ ନେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର 'ଶକ୍ତିଶ୍ରୀ' ସଂଯୋଜିକା ଡ. ମିନୁରାଣୀ ଦଳାଇ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




ଢେଙ୍କାନାଳ,୨୯।୪(ରତନ ନାୟାର)

ଢେଙ୍କାନାଳ ଜିଲା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ୩ ଦିନିଆ ରାଜ୍ୟସ୍ତରୀୟ ୧୧ବର୍ଷରୁ କମ୍ ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ବେହେରା, ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁ ଓ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ଜିଲା ବ୍ୟାଡମିଣ୍ଟନ ସଂଘର ସଭାପତି ଦୀପକ ଦଳେଇ, ସମ୍ପାଦକ ଟଙ୍କଧର ବେହେରା, କାର୍ଯ୍ୟକାରୀ ସଭାପତି ଅମିତ ରଞ୍ଜନ ଶତପଥୀ, କୋଷାଧ୍ୟକ୍ଷ ରଶ୍ମିପ୍ରକାଶ ପଟ୍ଟନାୟକଙ୍କ ସମେତ ଧର୍ମେନ୍ଦ୍ର ମହାପାତ୍ର, ଜ୍ଞାନେନ୍ଦ୍ର ସାହୁ, ଅସିମ ଦାସ, କେଶବ କୁମାର ସାହୁ, ମାନଭଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସାରଦା ପ୍ରସନ୍ନ ହୋତା, ସଦାନନ୍ଦ ସଚ୍ଚିଦାନନ୍ଦ ମାଦେଲୀ, ସୂର୍ଯ୍ୟକାନ୍ତ ମହାପାତ୍ର, କୃପାସିନ୍ଧୁ ବେହେରା, ବ୍ରିଜେଶ ମିଶ୍ର, ପ୍ରିୟବ୍ରତ ପ୍ରଧାନ, ମାନସ କୁମାର ସାହୁ, ଅମିତ ଛୋଟରାୟ, ପ୍ରଦୀପ ମିଶ୍ର, ଦର୍ଶିତ ପାରମାର, ଅନସମିତଲ ଦେହୁରୀ, ଅଂଶୁମାନ ମିଶ୍ର, ସର୍ବେଶ୍ୱର ସେଠୀ, ଆଇସା ସିଂ, ସତ୍ୟଜିତ ସିଂ ଓ ଅର୍ଚ୍ଚିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୂତନ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



କାମାକ୍ଷାନଗର,୨୯।୪(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗରର ନୂତନ ଉପଜିଲାପାଳ ଭାବେ ବୁଧବାର ବିକାଶ କୁମାର ମହାନ୍ତି ଯୋଗଦାନ କରିଛନ୍ତି। କାମାକ୍ଷାନଗର ଉପଜିଲାପାଳ ଦିନମଣି ନାଏକଙ୍କୁ ପର୍ଯ୍ୟଟନ ବିଭାଗ ଉପଶାସନ ସଚିବ ଭାବେ ବଦଳି ହୋଇଯାଇଛି। ବାଣପୁର ବିଡିଓ ବିକାଶଙ୍କ କାମାକ୍ଷାନଗର ଉପଜିଲାପାଳ ଭାବେ ନିଯୁକ୍ତି ହୋଇଥିଲା। କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ନୂତନ ଉପଜିଲାପାଳଙ୍କୁ ସମସ୍ତ ସରକାରୀ କର୍ମଚାରୀ ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଶୁଭେଚ୍ଛା ଜଣାଇଥିଲେ। ନୂତନ ଉପଜିଲାପାଳ କାମାକ୍ଷାନଗରକୁ ସୁନ୍ଦର ସହର ନିର୍ମାଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# କଠିନ ପରିଶ୍ରମ, ନିରନ୍ତର ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର

**ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା**



କାମାକ୍ଷାନଗର,୨୯।୪(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ସଫଳତା ହାସଲ ନିମନ୍ତେ ମାର୍ଗଦର୍ଶନ କରାଇଥିଲେ। କଠିନ ପରିଶ୍ରମ, ଏକନିଷ୍ଠ ଉଦ୍ୟମ ଓ ନିରନ୍ତର ଅଧ୍ୟବସାୟ ହିଁ ସଫଳତାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ଅଧ୍ୟାପକ ପ୍ରତୀକ ରଞ୍ଜନ ମଲ୍ଲିକ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଭାଗର ସଫଳତା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଅନ୍ୟତମ ଅତିଥି ଭାବେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରବୀର କୁମାର ବିଶ୍ୱାଳ, ପଦାର୍ଥ ବିଜ୍ଞାନ ବିଭାଗର ଲଳିତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୋମନାଥ ପଣ୍ଡା, ମାଧୋଇ ଭୂୟାଁ, ଅଧ୍ୟାପିକା ପ୍ରଦୀପ୍ତା ମହାପାତ୍ର, ବିଜୟିନୀ ଲେଙ୍କା ପ୍ରମୁଖ ବିଦାୟୀ ଛାତ୍ରୀଛାତ୍ରଙ୍କ ସଫଳ ଭବିଷ୍ୟତ କାମନା କରିବା ସହ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ।

# ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ



ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକରେ ଯୋଗଦେଇଥିବା ଅଧିକାରୀବୃନ୍ଦ।

**ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ**

ଢେଙ୍କାନାଳ,୨୯।୪(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ଓ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସାମ୍ପ୍ରତିକ ସେବା, ଭିତ୍ତିଭୂମିର ଉନ୍ନତି, ରୋଗୀ ସନ୍ତୁଷ୍ଟି, ଏନ୍‌କ୍ୱାସ୍ ମାନକ ପାଳନ ଏବଂ ରୋଗୀ କଲ୍ୟାଣ ପାଣ୍ଠିର ବିନିଯୋଗ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ରୋଗୀମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ମତପ୍ରକାଶ କରିଥିଲେ।

# ଲୁଟ୍ ୧୫ ବାଇକ୍ ଜବତ, ୩ ଗିରଫ

**ଢେଙ୍କାନାଳ, ଅନୁଗୋଳ ଓ କଟକ ଜିଲାରୁ ଲୁଟ୍ ହୋଇଥିଲା**

ଢେଙ୍କାନାଳ,୨୯।୪(ରତନ ନାୟାର)

ଢେଙ୍କାନାଳ ଟାଉନ ଥାନା ପୋଲିସ ୨୦୨୫ରେ ଢେଙ୍କାନାଳ, ଅନୁଗୋଳ ଓ କଟକ ଜିଲାର ବିଭିନ୍ନ ଅଞ୍ଚଳରୁ ଲୁଟ୍ ହୋଇଥିବା ୧୫ଟି ବାଇକ୍‌କୁ ଜବତ କରିବା ସହ ବୁଧବାର ୩ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ପ୍ରମୁଖ ଅଭିଯୁକ୍ତ ଢେଙ୍କାନାଳ ସହର ନିକଟସ୍ଥ କେଶେରିଆ ଅଞ୍ଚଳରେ ଭଡ଼ାଘରେ ରହୁଥିବା ଦେବାଶିଷ ଶୁକ୍ଲା (୩୦) ଓ ଦୁଇଜଣ ରିସିଭର ଭୁବନ ଅଞ୍ଚଳର ଗ୍ୟାରେଜ୍ ମାଲିକ ମାନସ ବିହାରୀ (୨୮) ଓ ଗ୍ୟାରେଜ୍‌ରେ ଚୋରି ଗାଡ଼ି ନେଉଥିବା ନୂଆ ଭୁବନ ଅଞ୍ଚଳର ପ୍ରଫୁଲ୍ଲ ସାହୁ(୪୧) ବୋଲି ପୋଲିସ ସୂଚନା ଦେଇଛି । ଢେଙ୍କାନାଳର ପୂର୍ବତନ ନଗରପାଳ ସୁନିଲ ଶର୍ମାଙ୍କ ଘରୁ ହୋଇଥିବା ଲୁଟ୍ ଘଟଣାର ତଦନ୍ତ ପାଇଁ ସିସିଟିଭି କ୍ୟାମେରା ଯାଞ୍ଚ କରୁଥିବା ସମୟରେ ସନ୍ଦେହରେ ଜଣେ ଯୁବକଙ୍କର ବାଇକ୍ ସହ କ୍ୟାମେରାରେ ରହିଥିବା ଚିତ୍ରକୁ ଦେଖିବା ପରେ ଏହାକୁ ଯାଞ୍ଚ କରିବାରୁ ଏହି ଘଟଣା ପଦାକୁ ଆସିଥିଲା । ଟାଉନ ଥାନା ପୋଲିସ ଖବରପାଇ ଅଭିଯୁକ୍ତ ଦେବାଶିଷଙ୍କୁ ଗୋଡ଼ାଇ ଗୋଡ଼ାଇ କାଲଟାକ୍ସ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ପାଖରୁ ଗିରଫ କରିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଦେବାଶିଷଙ୍କୁ ପଚରାଉଚରା କରିବା ପରେ ତାଙ୍କ ସୂଚନା ମୁତାବକ ଟାଉନ ଥାନା ଅଧିକାରୀ ଧୀରେନ ବେହେରାଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରତାପ ସାହୁ, ଏଏସ୍‌ଆଇ ସଞ୍ଜୟ ଦେହୁରୀ ଓ ସାରଥି ଦେହୁରୀ ପୋଲିସ ସହ ଭୁବନ ଅଞ୍ଚଳରୁ ଲୁଟ୍ ହୋଇଥିବା ବାଇକ୍‌ଗୁଡିକୁ ଉଦ୍ଧାର କରି ୨ ରିସିଭରଙ୍କୁ ଗିରଫ କରିଥିଲେ । ଆହୁରି ଅଧିକ ବାଇକ୍‌କୁ ଲୁଟ୍ ପରେ ସ୍କ୍ରାପ୍ କରି ବିକ୍ରି କରି ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଏହାକୁ ନେଇ ଅଧିକ ତଦନ୍ତ ଚାଲିଥିବା ଟାଉନ ଥାନା ଅଧିକାରୀଙ୍କ ସୂଚନାରୁ ଜଣାପଡିଛି । କଟକ ଜିଲାର ଟିଗିରିଆ, ଆଠଗଡ, ଖୁଣ୍ଟୁଣି, ଢେଙ୍କାନାଳ ସହର ସମେତ ଜିଲାର ପରଜଙ୍ଗ, କାମାକ୍ଷାନଗର, ପଣ୍ଡୁଆ ଓ ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳରୁ ବାଇକଗୁଡିକ୍ ଲୁଟ୍ ହୋଇଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଗତ ୩୦.୧୨.୨୦୨୫ରେ ଟାଉନ ଥାନାରେ କେସ୍ ନଂ. ୯୪୮/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା ।



## କୁଶପୁର ଗ୍ରାମରେ ଅଷ୍ଟମ ପ୍ରହର ନାମଯଜ୍ଞ

ଆଠମଲ୍ଲିକ, (ଉଦିପ୍ତ ପୁରୋହିତ): ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତ କୁଶପୁର ଗ୍ରାମରେ ବୁଧବାର ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ହିମାଂଶୁ ପାଢ଼ୀ ପୂଜା ରୀତିନୀତି ସମ୍ପନ୍ନ କଲା ପରେ ବୁଧବାର ସକାଳୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। କର୍ତ୍ତା ଭାବରେ ହୃଷିକେଶ କର୍ମୀ ଓ ସ୍ତ୍ରୀ ସ୍ୱର୍ଣ୍ଣଲତା କର୍ମୀ ଦାୟିତ୍ୱ ତୁଲାଇ ଥିଲେ। କମିଟିର ସଭାପତି ତ୍ରିଲୋଚନ କର୍ମୀ, ସମ୍ପାଦକ ବିଜୟ ମହାକୁଡ଼, ଲୋଚନ କର୍ମୀ, ପ୍ରକାଶ କର୍ମୀ, ପ୍ରମୋଦ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



ବଇଣ୍ଡା,୨୯।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୁଣ୍ଡୁରିଖିଳି ଗ୍ରାମର ଧର୍ମପ୍ରାଣ ମହିଳା ରୁଦୁନା ପ୍ରଧାନ (୧୧୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଘରେ ଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କ ପରଲୋକ ସମୟରେ ତାଙ୍କ ପୁଅ, ବୋହୂ, ନାତୁଣୀ ନାତିଙ୍କ ସମେତ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଅଭିଭାବକଙ୍କୁ ମିଳିଲା ବିଦ୍ୟାଳୟ ଶିକ୍ଷାଦାନ ରିପୋର୍ଟ କାର୍ଡ

### ଅନୁଗୋଳ ଜିଲାରେ ଶିକ୍ଷା କ୍ଷେତ୍ରରେ ନୂତନ ପଦକ୍ଷେପ

ଅନୁଗୋଳ,୨୯।୪(ଦିବ୍ୟଶାନ୍ତନୁ ନାଥ)

ଗତ ୨୨ ତାରିଖରେ ଜିଲାର ୮ଟି ବ୍ଲକରେ ଥିବା ୧୩୬୨ଟି ସରକାରୀ ବିଦ୍ୟାଳୟର ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପ୍ରାୟ ୩୦,୦୦୦ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରସ୍ତୁତ ବିଦ୍ୟାଳୟ ଶିକ୍ଷାଦାନ ରିପୋର୍ଟ କାର୍ଡକୁ ଗୋଟିଏ ଦିନରେ ସାର୍ବଜନୀନ କରାଯାଇଛି। ସାଧାରଣତଃ ଅଭିଭାବକମାନେ କେବଳ ନିଜ ପିଲାଙ୍କ ମାର୍କ ବିଷୟରେ ଅବଗତ ଥାଆନ୍ତି। କିନ୍ତୁ ଏହା ବିଦ୍ୟାଳୟର ସାମଗ୍ରିକ ଶିକ୍ଷାଦାନର ମାନ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ନ ଥାଏ। ନୂତନ ଭାବେ ପ୍ରଚଳିତ ଏହି 'ସ୍କୁଲ ରିପୋର୍ଟ କାର୍ଡ' ଏହି ସମସ୍ୟାକୁ ଦୂର କରିଛି। ଏହା ମାଧ୍ୟମରେ ବିଦ୍ୟାଳୟର ସାମଗ୍ରିକ ପ୍ରଦର୍ଶନ ଏବଂ ବ୍ଲକର ଅନ୍ୟ ସ୍କୁଲ ତୁଳନାରେ ଏହାର ସ୍ଥିତି ସମ୍ପର୍କରେ ଏକ ସରଳ ଚିତ୍ର ଉପସ୍ଥାପନ କରାଯାଇଛି। ଏହି ରିପୋର୍ଟ କାର୍ଡ ଜିଲ୍ଲା ଦ୍ୱାରା ପରିଚାଳିତ 'ସକ୍ଷମ' ନାମକ ଏକ ଦକ୍ଷତା-ଭିତ୍ତିକ ଆକଳନ ଉପରେ ଆଧାରିତ। ପାରମ୍ପରିକ ପରୀକ୍ଷା ପଦ୍ଧତି ପରିବର୍ତ୍ତେ 'ସକ୍ଷମ' ମାଧ୍ୟମରେ ପିଲାମାନେ ଓଡ଼ିଆ, ଇଂଲିଶ, ଗଣିତ, ପରିବେଶ ବିଜ୍ଞାନ ଏବଂ ବିଜ୍ଞାନ ବିଷୟର ମୌଳିକ ଧାରଣାକୁ କେତେଦୂର ବୁଝିଛନ୍ତି, ତାହାର ପରୀକ୍ଷଣ କରାଯାଇଥାଏ। ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ଅନୁଯାୟୀ, ବାସ୍ତବ ବୁଝାମଣା ଉପରେ ଗୁରୁତ୍ୱ ଦେଇଥାଏ। ଜିଲାର ୮ଟି ବ୍ଲକ ମଧ୍ୟରେ କଣିହାଁ ( ୭୨.୧%) ପ୍ରଥମ ସ୍ଥାନରେ ରହିଛି। ସେହିଭଳି କିଶୋରନଗରର ଜାମୁନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ୯୭.୧% ସ୍କୋର ସହ ଶୀର୍ଷରେ ରହିଛି। ବାଘବାସପୁର ପିପିଏସ, ବଣ୍ଡୁଆସାହି ପ୍ରାଥମିକ ବିଦ୍ୟାଳୟ ଓ ମୁଣ୍ଡିଆସାହି ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ତଥ୍ୟ ଅନୁଯାୟୀ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ଜିଲାର ଶ୍ରେଷ୍ଠ ୬ଟି ବିଦ୍ୟାଳୟ ଗ୍ରାମାଞ୍ଚଳରେ ଅବସ୍ଥିତ। ବିଦ୍ୟାଳୟର ତଥ୍ୟ ସିଧାସଳଖ ଅଭିଭାବକଙ୍କ ପାଖରେ ପହଞ୍ଚାଇବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ। ଏହାଦ୍ୱାରା ଅଭିଭାବକମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶିକ୍ଷାର ମାନ ସମ୍ପର୍କରେ ଅଧିକ ସୂଚନାପୂର୍ଣ୍ଣ ପ୍ରଶ୍ନ ପଚାରିପାରିବେ। ସ୍କୁଲସ୍ତରରେ ଶିକ୍ଷାଦାନର ସଫଳତାକୁ ଅଭିଭାବକଙ୍କ ନିକଟରେ ପହଞ୍ଚାଇବାରେ ଅନୁଗୋଳ ଦେଶର ଅଗ୍ରଣୀ ଜିଲା ଭାବେ ଉଭା ହୋଇଛି।

## ଅନୁଗୋଳ ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ



ଅନୁଗୋଳ,୨୯।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ସମାରୋହ ସ୍ଥାନୀୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟଧିଶ ଶଶିକାନ୍ତ ମିଶ୍ର, ମୁଖ୍ୟ ବକ୍ତା ଭାବରେ କିଟ୍ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସର୍ବେସ ଶାହା, ସମ୍ମାନିତ ଅତିଥି ଭାବରେ ଜିଲା ଦୌରାଜଜ ନିରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଏଥିସହ ସଭାପତି ଦିଲ୍ଲୀପ କୁମାର ସାହୁ, ସମ୍ପାଦକ ନିରୋଦ କୁମାର ମିଶ୍ର, ଉପ ସଭାପତି ପ୍ରଦୀପ ପ୍ରଧାନ, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମିଶ୍ର ମଧୁବାବୁଙ୍କ ଜୀବନ ଓ ଉତ୍କଳମାଟିର ଇତିହାସ ସମ୍ପର୍କରେ ବିସ୍ତୃତ ଧାରା ପ୍ରତିପାଦନ କରିଥିଲେ । ଏହି ଅବସରରେ କୁନି ପ୍ରତିଯୋଗୀମାନଙ୍କ ଦ୍ୱାରା ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଅବସରରେ ଆଠମଲ୍ଲିକ ଓକିଲ ସଂଘ, ତାଳଚେର ଓକିଲ ସଂଘ, ପାଲଲହଡ଼ା ଓକିଲ ସଂଘ, ଛେଣ୍ଡିପଦା ଓକିଲ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟ ଅତିଥି ମିଶ୍ର ସମ୍ବର୍ଦ୍ଧିତ କରିଥିଲେ।

## ବାଲ୍ୟବିବାହ, ଶିଶୁଚାଲାଣ ନିରୋଧ ସଚେତନତା

ବଅଁରପାଳ,୨୯।୪(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ବାଲ୍ୟବିବାହ, ଶିଶୁଚାଲାଣ ଓ ଶିଶୁ ଯୌନନିର୍ଯାତନା ନିରୋଧ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ବାଣୀନାଳୀ ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ୍ ଅଧୀନରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ବଅଁରପାଳ, ଜୁହାରପୁର, ଗଡସନ୍ତ୍ରି, ନଳଚନ୍ଦ୍ରପୁର, ସିମିଳିଛୁଇଁ, ବଉଳିଗଡ଼, ଅରାହାଟ, ପୁରିକିଆ ଓ ଗାଙ୍ଗିଯୋଡ଼ି ଆଦି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ, ପିଇଓ, ଏମ୍‌ବିକେ, ସିଆରପି, ଗ୍ରାମସଭାପତି, ୱାର୍ଡମେମ୍ବର, ଅଙ୍ଗନୱାଡ଼ିକର୍ମୀ, ଆଶାକର୍ମୀ ଓ ଗ୍ରାମର ଅନେକ ମହିଳା-ପୁରୁଷ ଯୋଗଦେଇଥିଲେ। ସଭାରେ ଶିଶୁଙ୍କୁ ତାଙ୍କର ଅଧିକାରରୁ ବଞ୍ଚିତ କରୁଥିବା ବାଲ୍ୟବିବାହ, ଶିଶୁଚାଲାଣ, ଯୌନ ନିର୍ଯାତନା ଓ ଶିଶୁଶ୍ରମିକ ପରି ସମସ୍ୟାର ପରିଣାମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ଭାରତୀୟ ଆଇନ ଅନୁଯାୟୀ ବାଲ୍ୟବିବାହ ଓ ଶିଶୁଶ୍ରମ ନିଷେଧ ସମ୍ବନ୍ଧୀୟ ଦଣ୍ଡ ବିଧାନ, ନିୟମାବଳୀ ଓ ପ୍ରତ୍ୟେକ ଶିଶୁର ୪ ଟି ପ୍ରାଥମିକ ଅଧିକାର ବିଷୟରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପ୍ରକଳ୍ପ ସହଯୋଗୀ ଲକ୍ଷ୍ମୀ ବେହେରା ସଭା ପରିଚାଳନା କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଧାରଣା



ଅନୁଗୋଳ,୨୯।୪ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ବୟସ୍କ ସାମ୍ବାଦିକମାନଙ୍କୁ ମାସିକ ୧୫ ହଜାର ଟଙ୍କା ପେନ୍‌ସନ ବ୍ୟବସ୍ଥା, ଅଧିସ୍ୱୀକୃତି କମିଟି ପୁର୍ନଗଠନ ସହ ବ୍ଲକଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ମାତାପିତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ନିର୍ଭରଶୀଳ ସନ୍ତାନମାନଙ୍କୁ ସାମିଲ କରାଯିବା ସହ ଅବସରପ୍ରାପ୍ତ ସାମ୍ବାଦିକଙ୍କୁ ଯୋଜନା ପରିଧିରେ ଅଣାଯିବା, ମୃତ୍ୟୁକାଳୀନ ଅନୁକମ୍ପା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ପ୍ରେସ ଏକାଡେମୀ ଗଠନ କରି ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପମୂଲ୍ୟରେ ରହଣି ବ୍ୟବସ୍ଥା କରାଯିବା ଇତ୍ୟାଦି ୬ ଦଫା ଦାବିରେ ଧାରଣା ଦେଇଥିଲେ। ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ରାଜ୍ୟ ଉପସଭାପତି ତଥା ଜିଲା ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଦେବୀ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲା ଉପସଭାପତି ଆଶିଷ କୁମାର ସିଂ, ଶୁଭ୍ରରଂଜନ ଦାସ, ଅକ୍ଷୟ କୁମାର ମିଶ୍ର, ଆଠମଲ୍ଲିକ ଶାଖା ସଭାପତି ସୁଧାଂଶୁ ଗାଇଗାରିଆ, ମେହମୁଦ ଖାନ, ଅନୁଗୋଳ ଶାଖା ସଭାପତି ମନୋରଞ୍ଜନ ମହାନ୍ତି, କଣିହାଁ ବ୍ଲକ ସଭାପତି କଷ୍ଟୁ ସାମଲ, ତାଳଚେର ଶାଖା ସଭାପତି ବିଜୟ କୁମାର ଦେବତା, କରୁଣାକର ସାମଲ, ସମ୍ପାଦକ ପ୍ରିୟମାଧବ ଦାସ, ଟୁନା ସାହୁ, ଗିରିଶ ଚନ୍ଦ୍ର ସାମଲ, ଆଶିଷ ଅଗ୍ରୱାଲା, ଅଲେଖ ଭୂତିଆ, ଚିତ୍ତରଞ୍ଜନ ପାଣି, ପ୍ରଭାତ ରଞ୍ଜନ ପାଣି, ଅନିଲ ସାମଲ, ପ୍ରକାଶ ସାହୁଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ସାମିଲ ହୋଇଥିଲେ।

## ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ 'ସ୍ୱାଭିମାନ' ଦିବସ ପାଳିତ

ଛେଣ୍ଡିପଦା,୨୯।୪(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକିର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା 'ସ୍ୱାଭିମାନ ଦିବସ' ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଦୀପ ପ୍ରଜ୍ୱଳନ କରି ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ମଧୁବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ, ସାମାଜିକ ସେବା ଓ ନୈତିକ ମୂଲ୍ୟବୋଧକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଆମର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଉଜ୍ଜୀବିତ ରଖିପାରିବା ବୋଲି ମାର୍ଗଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ଓ ଶିକ୍ଷକ ଚିତ୍ତରଞ୍ଜନ ଓଝା ଉତ୍କଳ ଗୌରବଙ୍କ ରଚିତ କବିତା ପାଠ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ମଧୁସୂଦନ ଦାସଙ୍କ ଜୀବନୀ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଉତ୍ସବଟିକୁ ସରସ ସୁନ୍ଦର କରିଥିଲେ। ଶେଷରେ ଶିକ୍ଷକ ସରୋଜ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବଇଣ୍ଡା,୨୯।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ସ୍ଥିତ ମହର୍ଷି ବିଦ୍ୟା ମନ୍ଦିରର ଶିକ୍ଷକ ସନାତନ ସାହୁ ବୁଧବାର ଅବସର ଗ୍ରହଣ କରିଛନ୍ତି । ତାଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱପ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅନିତା ପ୍ରଧାନ, ରଶ୍ମିତା ପଣ୍ଡା, ସତ୍ୟଭାମା ବେହେରା, ରୋଜାଲିନି ସାହୁ, ରୁପାଲି ସାହୁ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ନିହାରିକା ଦାସ, ଦୀପ୍ତିମୟୀ ସାହୁ, ବିଧାନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ତାଙ୍କର ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ । ଏଥିସହ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ତ୍ୟାଗ, ସହଯୋଗରେ ଅନୁଷ୍ଠାନ ସଫଳତାପାଏ



ଆଠମଲ୍ଲିକ, ୨୯।୪ (ଉଦିପ୍ତ ପୁରୋହିତ)

ଆଠମଲିକ-ବଇଣ୍ଡା ରାଜ୍ୟ ରାଜପଥ କଲେଜ ରୋଡ଼ ପାର୍ଶ୍ୱରେ ବୁଧବାର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନନ୍ଦକିଶୋର ମହାକୁଡ଼ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପରିଚାଳନା କମିଟି ସଭାପତି ଶେଷଦେବ ଶାସନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ମହାକୁଡ଼ କହିଛନ୍ତି, ଅଞ୍ଚଳରେ ମହିଳା ବିଦ୍ୟାଳୟର ଆବଶ୍ୟକତା ଥିଲା, ତାହା ସାକାର ହୋଇଥିବାରୁ କର୍ମକର୍ତ୍ତାଙ୍କୁ ସାଧୁବାଦ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ଶିକ୍ଷାବିତ ପୀତାମ୍ବର ବିଶ୍ୱାଳ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ନିରଞ୍ଜନ ବେହେରା, ମିନି ଦେଓଗନ ପ୍ରମୁଖ ଯୋଗଦେଇ କହିଲେ, ମା'ର ଶିକ୍ଷା ସର୍ବଶ୍ରେଷ୍ଠ ଶିକ୍ଷା। ମା' ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବ। ତାହାକୁ ଆଧାର କରି ଆରମ୍ଭ ହୋଇଥିବା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମସ୍ତଙ୍କର ତ୍ୟାଗ ଓ ସହଯୋଗରେ ଶିକ୍ଷାନୁଷ୍ଠାନ ସଫଳତା ପାଇବ ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟି ସଭାପତି ଶେଷଦେବ ଶାସନୀ, ସମ୍ପାଦିକା ତଥା ଅଧ୍ୟକ୍ଷା ସ୍ୱାଗତିକା ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଜୀବର୍ଦ୍ଧନ ବାରିକ, ରବୀନ୍ଦ୍ର ପ୍ରଧାନ, ସିପୁନ କୁମାର କ୍ଷେତି, କେଶବ ସାହୁ, ଚିନ୍ମୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ସାହାରାଗୋଡ଼ାରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ

ବନ୍ତଳା,୨୯।୪(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବନ୍ତଳା ପଞ୍ଚାୟତ ସାହାରାଗୋଡ଼ା ଗାଁରେ ୨ଦିନ ଧରି ହେଉଥିବା ଗ୍ରହରାଜ ଶନିଦେବଙ୍କ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏନେଇ ମଙ୍ଗଳବାର ସକାଳୁ ଆୟୋଜିତ କଳସ ଶୋଭାଯାତ୍ରାରେ ଗାଁର ଶତାଧିକ ମହିଳା ଯୋଗଦେଇ ନିକଟସ୍ଥ ଟାକୁଆ ନାଳରୁ ଜଳପୂର୍ଣ୍ଣ କଳସ ଉଠାଇ ନାମ ସଂକୀର୍ତ୍ତନ ସହ ଜରାଓରପୁର ଓ ଲାଛବନ୍ଧ ଗାଁ ପରିକ୍ରମା କରି ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞାଗ୍ନି ସ୍ଥାପନ ହୋଇଥିଲା। ସେହିପରି ବିଧିବିଧାନ ସହ ଯଜ୍ଞାଦି କାର୍ଯ୍ୟ, ନଗର ପରିକ୍ରମା ଓ ପୂର୍ଣ୍ଣାହୁତି ସମାପନ ହୋଇଥିଲା। ଏକ ଆଧ୍ୟାତ୍ମିକ ପରିବେଶରେ ଶ୍ରଦ୍ଧାଳୁମାନେ ଶନିଦେବଙ୍କ ଦର୍ଶନ କରି ସାମୁହିକ ପ୍ରସାଦ ସେବନ କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକ ଯୋଗଦେଇ ରାମାୟଣ ନାଟକ ଉପଭୋଗ କରିଥିଲେ। କମିଟି ସଭାପତି ଯୋଗେଶ୍ୱର ପରିଡ଼ା, ପ୍ରଦ୍ୟୁମ୍ନ ପରିଡ଼ା, ହଟ କିଶୋର ଦାସ, ଦୟାନିଧି ସାହୁ, ଦିବାକର ସାହୁ, ରଞ୍ଜନ ଦେହୁରୀ, ପ୍ରଫୁଲ୍ଲ ଦାସ,ଶତ୍ରୁଘ୍ନ ଅମାନ୍ତ, ଅନିଲ ଦଳବେହେରା, ମନୋଜ ଦାସ ପ୍ରମୁଖ ସମସ୍ତ ସହଯୋଗ କରି ଶାନ୍ତିଶୃଙ୍ଖଳା ସହ ଉତ୍ସବକୁ ସମାପନ କରିଥିଲେ।

## ସେଣ୍ଟ ଜନ୍ସ ଅନନ୍ତ ଆମ୍ବୁଲାନ୍ସ ପକ୍ଷରୁ ଏକ ରକ୍ତଦାନ ଶିବିର

ତାଳଚେର,୨୯।୪ (ମନୋଜ ନନ୍ଦ)

ସେଣ୍ଟ ଜନ୍ସ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ଅନନ୍ତ କଲୋନୀ ସ୍ଥିତ ଚିଲିକା କଳାକେନ୍ଦ୍ର ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୯୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ମୁଖ୍ୟ ଅତିଥି ଭାବରେ ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପବିତ୍ର ମୋହନ ମେଡିକାଲ କଲେଜର ଅଧକ୍ଷା ଡ଼ା କୀର୍ତ୍ତିରେଖା ମହାପାତ୍ର, ଭୁବନେଶ୍ୱରୀ ଖଣି କ୍ଷେତ୍ରର ମହାପ୍ରବନ୍ଧକ ଏ.କେ ସିଂହ, ଅନନ୍ତ ଓସିପି ପ୍ରକଳ୍ପ ଅଧିକାରୀ ଯଶୋବନ୍ତ ପଟ୍ଟନାୟକ, ହିଙ୍ଗୁଳା ମନ୍ଦିର ଟ୍ରଷ୍ଟ ସଦସ୍ୟ ଗଗନ ବିହାରୀ ସାହୁ, ଭୁବନେଶ୍ୱରୀ କ୍ଷେତ୍ରର ଆସ୍ଥା ମହିଳା ମଣ୍ଡଳର କାର୍ଯ୍ୟକର୍ତ୍ତା, ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସୁଶାନ୍ତ କୁମାର ମୁଦୁଲି, ବିଶ୍ୱନାଥ ବେହେରା, ଅନନ୍ତ ଓସିପି କାର୍ମିକ ଅଧିକାରୀ ଅନିଲ କୁମାର ସାହୁ, ଜିଲା ରେଡକ୍ରସ୍ ସଦସ୍ୟ ବଳରାମ ପତି, ତୋଫାନ ଯୁବକ ସଂଘ ସଭାପତି ଧୀରେନ୍ଦ୍ର କୁମାର ଦାସ ଓ ଚିକିତ୍ସକ ଡ଼ା ଆଲାମ ପ୍ରମୁଖ ଯୋଗଦେଇଥିଲେ। ଅନନ୍ତ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁ ଏବଂ ଆମ୍ବୁଲାନ୍ସ ଅଫିସର ପଞ୍ଚୁ ସାହୁଙ୍କ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

## ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଙ୍କ କୃତିତ୍ୱ



ବଅଁରପାଳ,୨୯।୪(ସୁବାସ ଚନ୍ଦ୍ର ସାହୁ)

ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ଆୟୋଜିତ ପ୍ରାଦେଶିକ ମେଧା ପରୀକ୍ଷା ଏବଂ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଅନୁଗୋଳ ଜିଲା ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀର ଛାତ୍ରୀ ପ୍ରିୟାଂଶି ଟିକ୍ରା ସମଗ୍ର ଓଡ଼ିଶାରେ ନବମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏଥିସହ ସେ ପୂର୍ବରୁ ୩ ୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ତାଙ୍କର ସଫଳତା ଅଧିକ ଗୌରବଜନକ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁମା ଗୁରୁଜୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ହାତୀ ଉପଦ୍ରବକୁ ନେଇ ଚିନ୍ତାରେ ଚାଷୀ

### ଆବଶ୍ୟକ କ୍ଷତିପୂରଣ ମିଳୁନି

ବଇଣ୍ଡା, ୨୯।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗିରହିଛି। ବନବିଭାଗ ପକ୍ଷରୁ ଠିକ୍ ସମୟରେ ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ହାତୀମାନେ ନିକଟସ୍ଥ ଜଙ୍ଗଲରୁ ଗ୍ରାମାଞ୍ଚଳକୁ ପଶିଆସି ବ୍ୟାପକ ପନିପରିବା ଚାଷ ସହ ବାଡ଼ି ବଗିଚାରେ ଥିବା ଗଛ ଭାଙ୍ଗି ନଷ୍ଟ କରିଦେଉଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ୮ରୁ ୧୦ଟି ହାତୀ ଏହି ଉପଦ୍ରବ କରୁଥିବାବେଳେ ଅନ୍ୟ ରେଞ୍ଜକୁ ଘଉଡ଼ାଇବାରେ ବିଭାଗ ବିଫଳ ହୋଇଛି। ଏଥିସହ ଚାଷୀମାନଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯାଉ ନାହିଁ।

ସୂଚନା ଅନୁଯାୟୀ, ଧଣ୍ଡାତୋପା ରେଞ୍ଜରେ ୯ଟି ପଞ୍ଚାୟତ ରହିଛି। ୮ରୁ ୧୦ଟି ହାତୀ ୨ ସପ୍ତାହ ହେବ ସାତକୋଶିଆ ରେଞ୍ଜରୁ ଧଣ୍ଡାତୋପା ରେଞ୍ଜର ବିପ୍ରଡିହ, ମଇମୁରା, କଂସାବ, କୋରାବ, କନ୍ତପଡ଼ା, କେଞ୍ଚୁଆନାଳି, ଟାପଡୋଳ, ପାଇକସାହି, ଲବଙ୍ଗି ଆଦି ଗ୍ରାମରେ ଉପଦ୍ରବ କରୁଛନ୍ତି। କେଞ୍ଚୁଆନାଳି ଗ୍ରାମର ମହୁଲ ସେଠୀ, ଗୁବୁରି ସାହୁ, ଠେଙ୍ଗୁ ସେଠୀ, ଛୁଟୁ ନାୟକଙ୍କ ପରିବା ଚାଷକୁ ନଷ୍ଟ କରିଦେବା ସହ ପଣସ, ଆମ୍ବ ଗଛଗୁଡ଼ିକ ଭାଙ୍ଗି ଦେଇଛି। ସେହିପରି ବିପ୍ରଡିହ ଗ୍ରାମର ଭରତ ଦେହୁରୀ, ଭୀମ ଦେହୁରୀଙ୍କ ଚାଳ ଘର ଭାଙ୍ଗି ଦେଇଛି। କଂସାବ ଗ୍ରାମର ରବୀନ୍ଦ୍ର ସାହୁ, ଉଦୟ ସାହୁ, ଦିଲୀପ ସାହୁ, ବିନୟ ସାହୁ, ଶ୍ରୀନିବାସ ସାହୁ, ଅଭିରାମ ସାହୁଙ୍କ ବହୁ କଦଳୀ ଗଛ ପାଦରେ ଦଳି ନଷ୍ଟ କରିଦେଇଥିବା ବେଳେ ଆଖୁ ଗଛ, ଆମ୍ବ ଗଛଗୁଡ଼ିକୁ ଭାଙ୍ଗି ଦେଇଛି। ମଇମୁରା ଗ୍ରାମର ସନାତନ ସାହୁ, ବଂଶୀଧର ସାହୁ, ଡମ୍ବରୁ ଦେହୁରୀ, ଶାନ୍ତିଲତା ପ୍ରଧାନ, ଶିବରାମ ସାହୁ, ଗିରିଧାରୀ ସାହୁ, ଅରୁଣ ସାହୁ, ଅଲେଖ ସାହୁ, ଗୋବର୍ଦ୍ଧନ ସାହୁ, ଯଶୋବନ୍ତ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ବଳରାମ ପ୍ରଧାନ, କୈଳାସ ପ୍ରଧାନ, ସଞ୍ଜୀବ ପ୍ରଧାନ, ଦିନବନ୍ଧୁ ପ୍ରଧାନଙ୍କ ଫସଲ ନଷ୍ଟ କରିଦେଇଛନ୍ତି। ଗତ ୩ ମାସରେ ହାତୀପଲ ଏପରି ଭାବେ ବହୁ ଏକର ଧାନ ଚାଷ ପାଇଁ ପଡ଼ିଥିବା ତଳି ନଷ୍ଟ କରିଥିବାବେଳେ ୩ ହଜାର ମକା ଗଛ, ୫ ଏକରରେ ଲାଗିଥିବା ବାଇଗଣ, ୩ ଶହ କଦଳୀ ଗଛ ନଷ୍ଟ କରିଦେଇଛନ୍ତି। ଧଣ୍ଡାତୋପା ବନବିଭାଗ କାର୍ଯ୍ୟାଳୟକୁ ହାତୀ ସମ୍ପର୍କରେ ସୂଚନା ଦିଆଯାଉଥିବାବେଳେ କୌଣସି ଅଧିକାରୀ ଘଉଡ଼ାଇବାକୁ ଆସୁ ନ ଥିବା କେଞ୍ଚୁଆନାଳି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଚାନ୍ଦା ଆଦାୟ କରି ବାଣ କିଣି ରାତିରେ ନିଆଁହୁଳା ଜାଳି ହାତୀ ଘଉଡ଼ାଉଛନ୍ତି। ଏଥିସହ କ୍ଷତିପୂରଣ ପାଇଁ ଅନ୍‌ଲାଇନରେ ଆବେଦନ କରାଯାଉଥିବାବେଳେ ବନବିଭାଗ ପକ୍ଷରୁ କ୍ଷୟକ୍ଷତି ସର୍ଭେ କରାଯାଉନାହିଁ କି ସଚେତନ ମଧ୍ୟ କରାଯାଉ ନାହିଁ। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କହିଛନ୍ତି, ହାତୀ ଉପଦ୍ରବ ଖବର ପାଇବା ମାତ୍ରେ ବିଭାଗ ପକ୍ଷରୁ ଘଉଡ଼ାଯାଉଛି।

# ମାଙ୍କଡ଼ା ଜଳସେଚନ ପ୍ରକଳ୍ପ ନେଇ ଉଚ୍ଚସ୍ତରୀୟ ବୈଠକ

ପାଲଲହଡ଼ା,୨୯।୪(ଦିବ୍ୟଜ୍ୟୋତି ଦାଶ)



ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର କୃଷିଭିତ୍ତିକ ଉନ୍ନତିକରଣ ଏବଂ ଜଳସେଚନର ବ୍ୟାପକ ପ୍ରସାର ପାଇଁ ମାଙ୍କଡ଼ା ମଧ୍ୟମ ଜଳସେଚନ ପ୍ରକଳ୍ପର ବୁଧବାର ୨ୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମାଙ୍କଡା ବିରୋଧୀ ସମନ୍ୱୟ ସଂଘର୍ଷ ସମିତିର ସଦସ୍ୟଙ୍କ ସହ ଆଲୋଚନା କରାଯାଇଥିଲା। ଉପଜିଲାପାଳ ପ୍ରକଳ୍ପର ସଫଳତା ପାଇଁ ସମସ୍ତଙ୍କ ସହମତିରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ କେବଳ ଜଳସେଚନକୁ ଲକ୍ଷ୍ୟକରି ନିଆଯାଇଥିବା ନିଷ୍ପତ୍ତି, ଯାହା ପାଲଲହଡ଼ା ବ୍ଲକର କୃଷିଭିତ୍ତିକ ଅଞ୍ଚଳର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ବୈଠକରେ ଉପଜିଲାପାଳ ପଟେଲ କହିଥିଲେ । ବୈଠକରେ ଅନୁଗୋଳ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସରସ୍ୱତୀ ମହନ୍ତ ପ୍ରକଳ୍ପର ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ସେ ପ୍ରକଳ୍ପ ବିଷୟରେ ସମସ୍ତ ବୈଷୟିକ ବିବରଣୀ ଏବଂ ମାନଚିତ୍ର ପ୍ରଦାନ କରିବା ସହ ପ୍ରକଳ୍ପର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରକଳ୍ପର ପୁନର୍ବାସ ଏବଂ ବୈଷୟିକ ବିବରଣୀ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ପ୍ରକଳ୍ପ ନିମନ୍ତେ ଆନୁମାନିକ ଖର୍ଚ୍ଚ ୧୦୫୩.୬୯ କୋଟି। ଏହି ପ୍ରକଳ୍ପ ଦ୍ୱାରା ୮ଟି ଗ୍ରାମ ସରବେଢ଼ା, କରଡ଼ାପାଲ, ଶିମିଳିପାଲ, ପେଚାମୁଣ୍ଡି, ମୁକ୍ତାପୁର, ଡାଲୋ, କାଳିଆ କୁନ୍ଦନ ଏବଂ ବିଞ୍ଜବାହାଲ ଆଂଶିକ ଭାବେ ଜଳମଗ୍ନ ହେବ। ୩ଟି ଗ୍ରାମ କନ୍ତଳା, କମ୍ପରକେଲା ଏବଂ ରାଜାମୁଣ୍ଡା ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହେବ। ଏହି ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଦ୍ୱାରା ପାଲଲହଡ଼ା ବ୍ଲକର କୃଷି ଉତ୍ପାଦନରେ ବୃଦ୍ଧି ଘଟିବ ଏବଂ ଚାଷୀମାନେ ଦ୍ୱୈତ ଫସଲ କରିବାକୁ ସମର୍ଥ ହେବେ। ବୈଠକରେ ଉପଜିଲାପାଳ ପଟେଲ ପ୍ରକଳ୍ପ ପାଇଁ ଆବଶ୍ୟକ ସମସ୍ତ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ସହ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ସରସ୍ୱତୀ ମହନ୍ତ, ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ପାଲଲହଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତଥିଲେ। ମାଙ୍କଡା ବିରୋଧୀ ସମନ୍ୱୟ ସଂଘର୍ଷ ସମିତି ପକ୍ଷରୁ ସଭାପତି ରତ୍ନାକର ରାଉତ, ଉପସଭାପତି ଗଣେଶ୍ୱର ସାହୁ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ସଦସ୍ୟ ଶରତ ଚନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ସାଧୁ ଚାତମ୍ବା ପ୍ରମୁଖ ଯୋଗଦେଇଥିଲେ।

